ଭାରତୀୟ ଜନତା ପାର୍ଟି

୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ–୧୧୦୦୦୧

ତା.୧୮.୧୨.୨୦୧୩

**ବିରୋଧୀ ଦଳର ନେତା, ରାଜ୍ୟସଭା, ଶ୍ରୀ ଅରୁଣ ଜେଟଲୀ ମହୋଦୟ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ଶ୍ରୀ ଆନନ୍ଦ ଶର୍ମାଙ୍କୁ ବାଲିଠାରେ ଅନୁଷ୍ଠିତ ହୋଇଥିବା ଡ଼ବଲ୍ୟୁ.ଟି.ଓ ର ନବମ ପାରିଷଦ ବୈଠକରେ ଦେଇଥିବା ମତାମତର ସ୍ୱଷ୍ଟତା ଦାବି କରିଛନ୍ତି ।**

**ବୁଝାମଣାର ପ୍ରଚ୍ଛଦ ପଟ୍ଟରେ**

ଭାରତର କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାରର ଉନ୍ନତି କରିବାକୁ ରହିଛି । କାରଣ ଦେଶର ହାରାହାରି ୬୦% ରୁ ଅଧିକ ଜନତା କୃଷି ଉପରେ ନିର୍ଭରଶୀଳ । ଦେଶ ବିକାଶର (ଜି.ଡ଼ି.ପି) ପ୍ରାୟ ୧୬% କୃଷିରୁ ହିଁ ମିଳିଥାଏ । ହେଲେ ବିଶ୍ୱରେ ବାଣିଜ୍ୟ କ୍ଷେତ୍ରର ହେଉଥିବା ପ୍ରତିବନ୍ଧକ ପାଇଁ କୃଷି ଭିତ୍ତିକ ବାଣିଜ୍ୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ । ବିକାଶଶୀଳ ଦେଶର ଚାଷୀମାନଙ୍କୁ ଯେଉଁ ସବସିଡ଼ି ଯୋଗାଇ ଦିଆଯାଉଛି, ତାହା ୪୦୦ ବିଲିୟନ ୟୁ.ଏସ ଡ଼ଲାର ଠାରୁ ମଧ୍ୟ ଅଧିକ । ତେଣୁ ବିକାଶୋନ୍ମୁଖୀ ଦେଶର ଚାଷୀମାନେ ଉକ୍ତ ପରିମାଣର ସବସିଡ଼ି ନପାଇ ପାରୁଥିବାରୁ ସେମାନଙ୍କ ସହ ମୁକାବିଲା କରିବାରେ ପଛରେ ପଡ଼ିଯାଇଛନ୍ତି । ପୂର୍ବ ଡ଼ବଲ୍ୟ.ଟି.ଓ ବୈଠକରେ ବିକାଶୋଉନ୍ମୁଖୀ ରାଷ୍ଟ୍ର ମାନଙ୍କ ଦ୍ୱାରା ଉକ୍ତ ପ୍ରସଙ୍ଗ ଉତ୍ଥାପିତ ହୋଇଥିଲା ଓ ଡ଼ବଲ୍ୟ.ଟି.ଓ ର ଆଜେଣ୍ଡାରେ ପରିବର୍ତ୍ତନ କରାଇବାକୁ ଚେଷ୍ଟା କରିଥିଲେ । ନୂତନ ଆଜେଣ୍ଡାରେ ବାଣିଜ୍ୟ ପାଇଁ ଟାଣି ଓଟାରି ଦିଆଯାଉଥିବା ସବସିଡ଼ିକୁ ହଟାଇ ଏକ ସୁସ୍ଥ ବାଣିଜ୍ୟର କ୍ଷେତ୍ର ପ୍ରସ୍ତୁତ କରାଯାଇ ପାରିବ ବୋଲି କୁହାଯାଇଥିଲା । କେବଳ ବିକାଶଶୀଳ ଦେଶ ଗୁଡ଼ିକ ତାଙ୍କ ବଜାରକୁ ପ୍ରବେଶ କରିବାର ଅଧିକାର ଦେବା ଦ୍ୱାରା ହିଁ ତାହା ସମ୍ଭବପର ହୋଇ ପାରିବ । ମାତ୍ର ବର୍ତ୍ତମାନର ଡ୍ରଫ୍ଟ ବିଲରୁ ଜଣାଯାଏ କି, ସେଠି ପରିବର୍ତ୍ତିତ ଆଜେଣ୍ଡାର ପ୍ରଶ୍ନ ହିଁ ନାହିଁ । ବିକାଶଶୀଳ ରାଷ୍ଟ୍ର ଗୁଡ଼ିକ କେବଳ ନିଜ ବାଟ ନିଜେ କରି ଚାଲିଛନ୍ତି ।

୧୯୯୫ ମସିହାରେ କୃଷି ନେଇ ସବସିଡ଼ିକୁ ୧୦% ବୃଦ୍ଧି କରିବା କଥା କୁହାଯାଇଥିଲେ ମଧ୍ୟ ତାହା ୧୯୮୬–୮୮ ମସିହା ର ଦର ଅନୁଯାୟୀ ଧାର୍ଯ୍ୟ କରାଯାଇଥିଲା । ଗତ ୨୭ ବର୍ଷ ମଧ୍ୟରେ କୃଷି ଉତ୍ପାଦିତ ସାମଗ୍ରୀର ଦର ଆକାଶଛୁଆଁ ହୋଇଥିବା ବେଳେ ଉକ୍ତ ସବସିଡ଼ି ବୃଦ୍ଧିର ପରିମାଣ କୌଣସି

କାମରେ ଆସିବନାହିଁ । ଏହା ବିକାଶଶୀଳ ରାଷ୍ଟ୍ରକୁ ଏକ ପ୍ରକାରରେ ବିଜୟ ଦେଇଅଛି କହିଲେ ଭୂଲ ହେବନାହିଁ ।

**ଉକ୍ତ ଚୁକ୍ତିର ଦିଶା କଅଣ ?**

ଆମ ଦେଶର ସରକାର ଚାଷୀ ମାନଙ୍କୁ ଏମ.ଏସ.ଡ଼ି ମାଧ୍ୟମରେ ସହାୟତା କରେ । ସେ ଚାଷୀ ମାନଙ୍କ ପାଇଁ ଉତ୍ପାଦିତ ସାମଗ୍ରୀର ବିକ୍ରୟ ପାଇଁ ଏକ ସାଧାରଣ ମୂଲ୍ୟ ଧାର୍ଯ୍ୟ କରେ । ଦେଶର ଚାଷୀମାନେ ପୂର୍ବରୁତ କଷ୍ଟରେ ଜୀବନ ଯାପନ କରୁଛନ୍ତି ତାହାଛଡ଼ା ବହୁ ସରକାରୀ ସଂସ୍ଥା ସେମାନଙ୍କଠାରୁ ପୂର୍ବ ନିର୍ଦ୍ଧାରିତ ମୂଲ୍ୟାନୁଯାୟୀ ଶସ୍ୟ କିଣି ତାକୁ ହିଁ ସବସିଡ଼ି ଯୋଗାଇବା ପାଇଁ ବିକ୍ରୟ କରିବେ । ଏହା ଦ୍ୱାରା ଚାଷୀମାନଙ୍କର ଲାଭ କଅଣ ହେବ ?

**ଏହା ଭାରତୀୟ ଚାଷୀମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବନି ତ ?**

ପୂର୍ବ ନିର୍ଦ୍ଧାରିତ ସବସିଡ଼ି ଯୋଗୁଁ ଦରଦାମ ଏକ ପ୍ରକାରରେ ଶୀଥିଳ ହୋଇଯିବ ଓ ଚାଷୀମାନେ ବଜାରରେ ପ୍ରବେଶ କରିବାକୁ ବଞ୍ଚିତ ହେବେ । ଦେଶର ଚାଷୀ ଆତ୍ମହତ୍ୟାର ପରିମାଣ ଆହୁରି ବୃଦ୍ଧି ପାଇବ । ତେଣୁ ଉକ୍ତ ସାମୟିକ ଚୁକ୍ତି ଯେଉଁଠି ଚାଷୀମାନଙ୍କ ପାଇଁ ସାମାନ୍ୟ ମାତ୍ର ଆଶ୍ୱାସନା ନାହିଁ ତାହାର ଶେଷ ଚୁକ୍ତିରେ ଚାଷୀମାନଙ୍କୁ କି ଲାଭ ମିଳିପାରିବ ? ବରଂ ଏହା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେବ ।

**ଡ୍ରାଫ୍ଟିଂରେ ଚତୁରତା**

୬.୧୨.୨୦୧୩ ରେ ଯେଉଁ ଚୁକ୍ତି କରାଯାଇଥିଲା, ତାହାର ଦ୍ୱିତୀୟ ପାରାରେ ୬.୧୨.୨୦୧୩ ତାରିଖରେ ଦେଶରେ ପ୍ରଚଳିତ ଖାଦ୍ୟ ସୁରକ୍ଷା ଯୋଜନାକୁ ଅନୁମତି ଦେବା କଥା ଉଲ୍ଲେଖ କରାଯାଇଛି । ମାତ୍ର ଦେଶର ଖାଦ୍ୟ ସୁରକ୍ଷା ବିଲ ଏପର୍ଯ୍ୟନ୍ତ ଲାଗୁ ହୋଇନାହିଁ । ତାହାକୁ ଉକ୍ତ ପିସ କ୍ଲଜ ମାଧ୍ୟମରେ ଭର୍ତ୍ତି କରାଯିବାର ପ୍ରୟାସ କରାଯାଉଅଛି ।

**ଅନୁଧ୍ୟାନ**

ଚୁକ୍ତିର ତୃତୀୟ ପାରାରୁ ଜଣାଯାଏ କି, ଆମେ ଆମ ଦେଶର ସମଗ୍ର ଖାଦ୍ୟ ସୁରକ୍ଷା ଯୋଜନାକୁ ଆନ୍ତର୍ଜାତୀୟ ହସ୍ତକ୍ଷେପ ପାଇଁ ଖୋଲା ଛାଡ଼ି ଦେଇଛୁ । ତେଣୁ ଚାଷୀର ଅନ୍ୟମାନଙ୍କଠାରୁ

ଖାଦ୍ୟ ଶସ୍ୟ ଆଣିବା ବା ବି.ପି.ଏଲ ତଳେ ଥିବା ଲୋକଙ୍କୁ ଖାଦ୍ୟ ଶସ୍ୟ ବଣ୍ଟନ କରିବା ଆଦି ସମସ୍ତ କାର୍ଯ୍ୟକ୍ରମର ଆନ୍ତର୍ଜାତୀୟ ସ୍ତରରେ ଅନୁଧ୍ୟାନ କରାଯିବ ।

**କଟକଣା**

ବର୍ତ୍ତମାନର ଖାଦ୍ୟ ସୁରକ୍ଷା ଯୋଜନା ନେଇ ଡ଼ିସପ୍ୟୁଟ ରିଜୋଲୁସନ ଫୋରମରେ କୌଣସି ବାର୍ତ୍ତା ବା ଆହ୍ୱାନ ନାହିଁ କହିଲେ ଚଳେ । ତେଣୁ ବିକାଶଶୀଳ ରାଷ୍ଟ୍ରଙ୍କ ସ୍ୱାର୍ଥ ସିଦ୍ଧି ପାଇଁ ତାହାକୁ ଉନ୍ମୁକ୍ତ କରିବା ଅନୁଚିତ । ସେଥିରେ ଥିବା ଆହୁରି ଅନେକ ଚୁକ୍ତି ଯାହାକି ଆଗାମୀ ଦିନରେ ଆମ ପାଇଁ ବିରାଟ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଦେଖାଏ ।

**ପ୍ରତାରଣା ବିରୋଧରେ ଆହ୍ୱାନ ଏବଂ କରର ସନ୍ତୁଳନ ରକ୍ଷା**

ଯଦିଓ ପିସ କ୍ଲଜରେ ବର୍ତ୍ତମାନର ଯୋଜନା ପାଇଁ ବିଭିନ୍ନ ଆହ୍ୱାନକୁ ରୋକାଯାଉଅଛି ତଥାପି ଏହା କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ପ୍ରତାରଣାରୁ ରକ୍ଷା କରିବାରେ ଆଦୌ ସହାୟତା କରିପାରିବ ନାହିଁ । ଅନ୍ୟ ଦେଶର ସଦସ୍ୟ ମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ବୋଲି ଉକ୍ତ ଯୋଜନାରୁ ଲବ୍ଧ ଖାଦ୍ୟ ଶସ୍ୟକୁ ଆଦୌ ବେପାର କରାଯାଇ ନପାରେ । ଏଠାରେ ସମସ୍ତ ଶେୟ ସବସିଡ଼ି ଯୋଗାଉଥିବା ସ୍ଥାନକୁ ଯାଉଅଛି । ଏହା ଯୁକ୍ତିଯୁକ୍ତ କି କୌଣସି ଦେଶର ଯୋଜନରେ ବାଣିଜ୍ୟ ଉପରେ କଟକଣା ଜାରି କରିବା କାରଣ, ଅନ୍ୟ ଜଣେ ସଦସ୍ୟ ବିକାଶୋଉନ୍ମୁଖୀ ଦେଶର ବଜାରରେ ପ୍ରବେଶ କରିବାର ଅଧିକାର ପାଉନାହିଁ । ସେଭଳି ଅନ୍ୟ ଦେଶର ସଦସ୍ୟଙ୍କ ପ୍ରଚେଷ୍ଟା ସତ୍ତ୍ୱେ ସେଠାକାର ଜନତାଙ୍କ ପାଇଁ ବାହାରୁ ଖାଦ୍ୟ ଆମଦାନୀ କରାଯାଇ ନପାରେ । ତେଣୁ ଉଭୟ କ୍ଷେତ୍ରରେ ଏକ କ୍ଷତିଗ୍ରସ୍ତ ଦେଶର ଫାଇଦା କଅଣ ? ଦେଶରୁ ରପ୍ତାନୀ ହେଉଥିବା ସମସ୍ତ ସାମଗ୍ରୀ ପାଇଁ ବାଧ୍ୟତା ମୂଳକ କର ଧାର୍ଯ୍ୟ କରିବା ଫଳରେ ଏହା ନିଶ୍ଚିତ ଭାବରେ ଭାରତ ଉପରେ ପ୍ରକତିକୂଳ ପ୍ରଭାବ ପକାଇବ ।

**ବର୍ତ୍ତମାନ ସର୍ବନିମ୍ନ ପରିମାଣର ଯେଉଁ ନିୟମ ହୋଇଅଛି ତାହା ଭଙ୍ଗ ହେବ ।**

ବିକାଶୋନ୍ମୁଖୀ ଦେଶ ଗୁଡ଼ିକ ପାଇଁ ଯେଉଁ ଅନ୍ୟୁନ ୧୦% ସବସିଡ଼ି ଧାର୍ଯ୍ୟ କରାଯାଇଅଛି, ପ୍ରଥମ ସମୀକ୍ଷାରୁ ହିଁ ବିକାଶୋନ୍ମୁଖୀ ଦେଶ ଗୁଡ଼ିକ ଉକ୍ତ ପରିମାଣକୁ ଟପିଯିବେ । କାରଣ ଭାରତର ଖାଦ୍ୟ ସୁରକ୍ଷା ଯୋଜନାରେ ୧,୨୫,୦୦୦ କୋଟି ମୂଲ୍ୟ ଧାର୍ଯ୍ୟ କରାଯାଇଅଛି । ତାହା ବ୍ୟତୀତ ସାର,

ଶକ୍ତି, ପରିବହନ, ଆଦି ସମସ୍ତ ପ୍ରକାରର ସବସିଡ଼ି ମଧ୍ୟ ଉପଲବ୍ଧ । ତେଣୁ ମୋଟ ସବସିଡ଼ି ନିହାତି ଭାବରେ ୧୯୮୬-୮୮ ର କୃଷି ଉତ୍ପାଦନର ଦରର ୧୦% କୁ ଅତିକ୍ରମ କରିଯିବ ।

**ବ୍ୟବସାୟକୁ ସୁଗମ କରିବା**

ବାଲିର ଚୁକ୍ତିରେ ଭାରତକୁ କୌଣସି ପ୍ରକାରରେ ଲାଭ ମିଳିନାହିଁ । ଦେଶ ଏକ ସ୍ଥାୟୀ ସମାଧାନଠାରୁ ଦୂରେଇ ଯାଇ ଏକ ଦୁର୍ବହ ସ୍ଥିତିରେ ସାମୟିକ ସମାଧାନ ପାଇଁ ରାଜିହୋଇଅଛି । ଏହି ସୁଗମ ବାଣିଜ୍ୟ ଯାହା ବିକାଶଶୀଳ ରାଷ୍ଟ୍ରମାନଙ୍କର ଦାବିଥିଲା ଆମେ ଆଜି ସେଥିରେ ରାଜି ହୋଇ ଆସିଛୁ । ସିଙ୍ଗାପୁର ପାରିଷଦ ବୈଠକ ଚାରେଟି ସିଙ୍ଗାପୁରର ସମସ୍ୟା ନେଇ ବାଣିଜ୍ୟ ସୁଗମ କରିବାର ପ୍ରସ୍ତାବ ଉତ୍ଥାପନ କରିଥିଲା । ମାତ୍ର ତାହା ୟୁରୋପିଆନ ୟୁନିୟନ ଦ୍ୱାରା ବହିଷ୍କାର କରାଯାଇଥିଲା । ମାତ୍ର ବାଲିରେ ବିକାଶଶୀଳ ରାଷ୍ଟ୍ରମାନେ ଏକ ମିଳିତ ଚୁକ୍ତି ମାଧ୍ୟରେ ପ୍ରତ୍ୟେକ ଦେଶରେ ସୁଗମ ବାଣିଜ୍ୟ କରିବାର ଏକଚାଟିଆ ଅଧିକାର ଲାଭ କରିଛନ୍ତି । ଯଦି ଭାରତ ଉକ୍ତ ପ୍ରସ୍ତାବରେ ରାଜି ହୁଏ ତେବେ ତାକୁ ବିରାଟ ପାଉଣା ଦେବାକୁ ହେବ ।

ଉକ୍ତ ବିଲ ଦେଶକୁ ପ୍ରତିକୂଳ ପ୍ରଭାବ ପକାଇବା ସତ୍ତ୍ୱେ ବି ଦେଶର ପ୍ରତିନିଧିମାନେ ପ୍ରସ୍ତାବରେ ରାଜି ହୋଇ ଏକ ବିଜୟ ଲାଭ କରିଛନ୍ତି ବୋଲି ଦାବି କରୁଛନ୍ତି ।

**ଆର.କେ.ସିହ୍ନା**

**ସଚୀବ, ବି.ଜେ.ପି ପାର୍ଲିଆମେଣ୍ଟାରୀ ପାର୍ଟି**